

ଅଚଳ ଅବସ୍ଥାରେ ଥିବା ଅତ୍ୟାଧୁନିକ ଆମ୍ବୁଲାନ୍ସ।

# ଥାଇ ବି ନ ଥିବା ପରି

**ଜରୁରୀ ସମୟରେ ସହାୟକ ହୁଏ ଜୀବନ ରକ୍ଷାରେ। ଦୂତ ସାଜି ପହଞ୍ଚିଯାଏ ଦୁର୍ଘଟଣାଗ୍ରସ୍ତଙ୍କ ନିକଟରେ। ସେଥିପାଇଁ ସ୍ୱାସ୍ଥ୍ୟସେବାରେ ଆମ୍ବୁଲାନ୍ସକୁ ଦିଆଯାଏ ଯଥେଷ୍ଟ ଅଗ୍ରାଧିକାର। କିନ୍ତୁ ପ୍ରଶାସନର ପରିଚାଳନାଗତ ଅପାରଗତା ଯୋଗୁ ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକରେ ୪ଟି ନୂଆ ଆମ୍ବୁଲାନ୍ସ ଥାଇ ବି ନ ଥିବା ପରି। ଦୀର୍ଘଦିନ ହେଲା ଏହା ପଡ଼ିରହିଥିଲେ ମଧ ସେବାରେ ଲାଗିପାରୁ ନାହିଁ। ଏପରି କି ଦାନରେ ମିଳିଥିବା ଅତ୍ୟାଧୁନିକ ୧୭ ଲକ୍ଷ ଟଙ୍କାର ଏକ ରୋଗୀବାହନରେ ହୋଇପାରୁନି ରୋଗୀ ପରିବହନ।**

**ଛେଣ୍ଡିପଦା,୨୩ା୭(ଅଜିତ ଧଳ)**

- ପରିଚାଳନା ଅଭାବରୁ ପଡ଼ିରହିଛି ୪ ଆମ୍ବୁଲାନ୍ସ
- ଅତ୍ୟାଧୁନିକ ବ୍ୟବସ୍ଥା ଥାଇ ମଧ ମିଳୁନି ଅଗ୍ରାଧିକାର
- ହଇରାଣ ହେଉଛନ୍ତି ରୋଗୀ, ଛେଣ୍ଡିପଦାରେ ଅସନ୍ତୋଷ

ଗୁରୁତର ଅସୁସ୍ଥ କିମ୍ବା ଦୁର୍ଘଟଣାଗ୍ରସ୍ତଙ୍କୁ ମେଡିକାଲରେ ପହଞ୍ଚାଇବାରେ ଆମ୍ବୁଲାନ୍ସର ଭୂମିକା ବଡ଼ ଗୁରୁତ୍ୱପୂର୍ଣ୍ଣ। ଏହି କାରଣରୁ ସରକାର ଉକ୍ତ ଜରୁରୀ ସେବାକୁ ନିଃଶୁଳ୍କ କରିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକୁ ଆମ୍ବୁଲାନ୍ସ ଯୋଗାଇ ଦେଉଛନ୍ତି। ହେଲେ ଅନେକ ସମୟରେ ଏହି ବ୍ୟବସ୍ଥାରେ ଥିବା ଅବ୍ୟବସ୍ଥା ଦୂର କରାଯାଉ ନାହିଁ। ଫଳରେ ଠିକଣା ସମୟରେ ଆମ୍ବୁଲାନ୍ସ ଉପଲବ୍ଧ ହୋଇପାରୁ ନାହିଁ। କିନ୍ତୁ ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକରେ ନୂଆ ଆମ୍ବୁଲାନ୍ସ ପଡ଼ିରହିଥିଲେ ମଧ ରୋଗୀ ସେବାରେ ଉପଯୋଗ କରା ନ ଯିବା ଯେତିକି ଆଶ୍ଚର୍ଯ୍ୟକର ସେତିକି ଉଦ୍‌ବେଗଜନକ। ସ୍ୱାସ୍ଥ୍ୟ ପ୍ରଶାସନର ଅପାରଗତାରୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଏକ ୧୭ ଲକ୍ଷ ଟଙ୍କାର ଅତ୍ୟାଧୁନିକ ଆମ୍ବୁଲାନ୍ସ ଅଚଳ ହୋଇ ପଡ଼ିରହିଛି। ସେହିପରି କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୩ଟି ନୂଆ ଆମ୍ବୁଲାନ୍ସ ସେବା ଅପେକ୍ଷାରେ ରହିଛି। ଏହାକୁ ନେଇ ବ୍ଲକ ଅଞ୍ଚଳରେ ଜନ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି।

ଛେଣ୍ଡିପଦା ବ୍ଲକର ୩୪ଟି ପଞ୍ଚାୟତବାସୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ୬ଟି ଡାକ୍ତରଖାନା ରହିଛି। ସେଥିରୁ ଛେଣ୍ଡିପଦା ଓ କୋଶଳାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଜରପଡ଼ା, ଗଡ଼ମଣ୍ଡଳ, ବାଗଡ଼ିଆ ଓ ବାଲିପଟାଠାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କ ସେବା ଚାଲିଛି। ସରକାରଙ୍କ ପକ୍ଷରୁ ଛେଣ୍ଡିପଦା ବ୍ଲକ ପାଇଁ ୩ଟି ୧୦୮ ଆମ୍ବୁଲାନ୍ସର ବ୍ୟବସ୍ଥା କରାଯାଇଛି। ସେଥିରୁ ୨ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବାବେଳେ ଅନ୍ୟଟି ଜରପଡ଼ା ପ୍ରାଥମିକ ଡାକ୍ତରଖାନାରେ ରହୁଛି। କିନ୍ତୁ ଅନୁଗୋଳ ଜିଲାର ଏହି ବଡ଼ ବ୍ଲକ ପାଇଁ ମାତ୍ର ୩ଟି ୧୦୮ ଆମ୍ବୁଲାନ୍ସ ପର୍ଯ୍ୟାପ୍ତ ହେଉ ନ ଥିବାରୁ ଅନେକ ସମୟରେ ଦୁର୍ଘଟଣାଗ୍ରସ୍ତ ଓ ଗୁରୁତରଙ୍କୁ ତୁରନ୍ତ ଡାକ୍ତରଖାନାରେ ପହଞ୍ଚାଇବା ପାଇଁ ଆମ୍ବୁଲାନ୍ସ ମିଳିପାରୁ ନାହିଁ। ଏହାକୁ ଦୃଷ୍ଟିରେ ରଖି ସମ୍ବଲପୁର ଲୋକ ସଭା ନିର୍ବାଚନମଣ୍ଡଳୀ ଅଧୀନରେ ଆସୁଥିବା ଏହି ବ୍ଲକରେ ରୋଗୀ ପରିବହନ ପାଇଁ ସମ୍ବଲପୁର ଏମ୍‌ପି ନୀତେଶ ଗଙ୍ଗଦେବଙ୍କ ପକ୍ଷରୁ ୨୦୨୧ ଜାନୁୟାରୀରେ ଏମ୍‌ପିଙ୍କ ସ୍ଥାନୀୟ ଅଞ୍ଚଳ ବିକାଶ ପାଣ୍ଠି (ଏମ୍‌ପି ଲାଡ୍)ରୁ ୧୭ ଲକ୍ଷ ଟଙ୍କା ମୂଲ୍ୟର ଏକ ଅତ୍ୟାଧୁନିକ ଆମ୍ବୁଲାନ୍ସ ପ୍ରଦାନ କରାଯାଇଥିଲା। ଏହା ଦେଢ଼ବର୍ଷ ହେଲା ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରହିଛି। କିନ୍ତୁ ଏହାର ସୁପରିଚାଳନା ନିମନ୍ତେ ଡାକ୍ତରଖାନା ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଏହି ଅତ୍ୟାଧୁନିକ ଆମ୍ବୁଲାନ୍ସ ସେବା ରୋଗୀ ପାଇପାରୁ ନାହାନ୍ତି। ଏହି ରୋଗୀବାହନ ପାଇଁ ଚାଳକ ନିଯୁକ୍ତ ହୋଇ ନ ଥିବାବେଳେ କିଲୋମିଟର ପ୍ରତି ୮ ଟଙ୍କା ଦର ଧାର୍ଯ୍ୟ ତେଲଦରକୁ ନିଅଣ୍ଟ ପଡ଼ୁଛି। ଫଳରେ ଗାଡ଼ିର ଉପଯୁକ୍ତ ରକ୍ଷଣାବେକ୍ଷଣ ହୋଇପାରୁ ନାହିଁ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଏବେ ଏହି ଅତ୍ୟାଧୁନିକ ଆମ୍ବୁଲାନ୍ସ ଅଚଳ ପ୍ରାୟ ଅବସ୍ଥାରେ ରହିଛି। ସେହିପରି ଏକ ମାସ ତଳେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରାଙ୍କ ଆଞ୍ଚଳିକ ବିକାଶ ପାଣ୍ଠିରୁ କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ୩ଟି ଆମ୍ବୁଲାନ୍ସ ଯୋଗାଇ ଦିଆଯାଇଛି। କିନ୍ତୁ ତାହାକୁ ମଧ ଏଯାଏ ରୋଗୀସେବାରେ ଲଗା ନ ଯାଇ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପକାଇ ରଖାଯାଇଛି। ଆମ୍ବୁଲାନ୍ସ ନ ପାଇ ବହୁ ସମୟରେ ଦୁର୍ଘଟଣାଗ୍ରସ୍ତ ଓ ଗୁରୁତର ରୋଗୀଙ୍କୁ ଥାନା ନଚେତ ଅଗ୍ନିଶମ ବିଭାଗର ଗାଡ଼ିରେ ମେଡିକାଲ ନିଆଯାଉଥିବା ବେଳେ ୪ଟି ନୂଆ ଆମ୍ବୁଲାନ୍ସକୁ ରୋଗୀସେବାରୁ ଦୂରେଇ ରଖାଯିବା ରୋଗୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।



କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବହୃତ ଅବସ୍ଥାରେ ଥିବା ୩ ନୂଆ ଆମ୍ବୁଲାନ୍ସ।

### ଜିଲା ଖଣିଜ ପାଣ୍ଠିରୁ ଅର୍ଥ ଦିଆଯାଉ



"ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏକ ଅତ୍ୟାଧୁନିକ ଆମ୍ବୁଲାନ୍ସ ମିଳିଥିଲେ ମଧ ଏହାର ପରିଚାଳନା ପାଇଁ କୌଣସି ବିଧିବ୍ୟବସ୍ଥା କରାଯାଇ ନାହିଁ। ଏପରିକି ଆମ୍ବୁଲାନ୍ସ ବାବଦରେ ଖର୍ଚ୍ଚ ପାଇଁ ଆର୍‌କେଏସ୍‌କୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ଅର୍ଥ ପ୍ରଦାନ କରାଯାଉ ନାହିଁ। ଜିଲା ଖଣିଜ ପାଣ୍ଠିରୁ ଅନୁଦାନ ଦିଆଗଲେ ଏ ସମସ୍ୟାର ସମାଧାନ ହୋଇପାରନ୍ତା।

-ବିନୋଦ ବିହାରୀ ମହାପାତ୍ର, ଆର୍‌କେଏସ୍ ସଦସ୍ୟ, ଛେଣ୍ଡିପଦା

### ଉପଯୁକ୍ତ ସମନ୍ୱୟ ଅଭାବ



"ରୋଗୀକଲ୍ୟାଣ ସମିତି ଓ ସ୍ୱାସ୍ଥ୍ୟ ବିଭାଗ ମଧରେ ଉପଯୁକ୍ତ ସମନ୍ୱୟ ଅଭାବରୁ ମିଳିଥିବା ଆମ୍ବୁଲାନ୍ସଗୁଡିକର ପରିଚାଳନା ହୋଇପାରୁ ନାହିଁ। ରୋଗୀ କଲ୍ୟାଣ ସମିତିର ଜରୁରୀ ବୈଠକ ତୁରନ୍ତ ଡକାଯିବା ସହ ରୋଗୀସେବାରେ କିପରି ଏହି ଅତ୍ୟାଧୁନିକ ଆମ୍ବୁଲାନ୍ସ ଲାଗିପାରିବ ସେ ଦିଗରେ ପଦକ୍ଷେପ ନିଆଯାଉ।

-ରାଜକିଶୋର ବେହେରା, ଆଇନଜୀବୀ, ଛେଣ୍ଡିପଦା

### ପ୍ରଶାସନ ତୁରନ୍ତ ପଦକ୍ଷେପ ନେଉ



"ଛେଣ୍ଡିପଦା ବ୍ଲକରେ ଜରୁରିକାଳୀନ ସ୍ୱାସ୍ଥ୍ୟସେବା ପାଇଁ ୩ଟି ୧୦୮ ଆମ୍ବୁଲାନ୍ସ ଥିଲେ ମଧ ଠିକଣା ସମୟରେ ଉପଲବ୍ଧ ହୋଇପାରୁ ନାହିଁ। ତେଣୁ ବିଧାୟକ ଓ ଏମ୍‌ପିଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ଆମ୍ବୁଲାନ୍ସଗୁଡ଼ିକର ପରିଚାଳନା ପାଇଁ ତୁରନ୍ତ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବାର ଆବଶ୍ୟକତା ରହିଛି।

-ଚନ୍ଦ୍ରମଣି ପ୍ରଧାନ, ଛେଣ୍ଡିପଦା ଗ୍ରାମ ସଭାପତି

### ଠିକଣା ସମୟରେ ଆମ୍ବୁଲାନ୍ସ ମିଳୁନି



"ଛେଣ୍ଡିପଦା ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବ୍ଲକର ୨୦ ପଞ୍ଚାୟତ ଓ ପଡ଼ୋଶୀ ଦେବଗଡ଼ ଜିଲାର କୁଣ୍ଢେଇଗୋଲା ଥାନା ଅଞ୍ଚଳବାସୀ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭର କରନ୍ତି। ଅନେକ ସମୟରେ ଦୁର୍ଘଟଣାଗ୍ରସ୍ତ କିମ୍ବା ଗୁରୁତର ରୋଗୀଙ୍କୁ ସ୍ଥାନାନ୍ତର ସମୟରେ ଆମ୍ବୁଲାନ୍ସ ମିଳୁନାହିଁ। ତେଣୁ ଏ ଦିଗରେ ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟବିଭାଗ ପଦକ୍ଷେପ ନେବା ଦରକାର।

-ବିଦ୍ୟୁତ୍ ସିଂହ ନାୟକ, ଛେଣ୍ଡିପଦା

### ଖୁବ୍‌ଶୀଘ୍ର ଚାଳକ ନିଯୁକ୍ତି କରାଯିବ



"ଖାଲି ପଡ଼ିଥିବା ଆମ୍ବୁଲାନ୍ସ ଡ୍ରାଇଭର ପଦବୀ ସରକାରଙ୍କ ପକ୍ଷରୁ ପୂରଣ କରାଯାଉନାହିଁ। ଜିଲା ଖଣିଜ ପାଣ୍ଠିରୁ ଆମ୍ବୁଲାନ୍ସ ଚାଳକ ନିଯୁକ୍ତ ପାଇଁ ଜିଲାପାଳଙ୍କୁ ଚିଠି ଲେଖାଯାଇଛି। ଖୁବ୍‌ଶୀଘ୍ର ଆମ୍ବୁଲାନ୍ସ ନିମନ୍ତେ ଡ୍ରାଇଭର ନିଯୁକ୍ତ କରାଯିବା ସହିତ ଆର୍‌କେଏସ୍‌ରୁ ଏହାର ପରିଚାଳନା କରାଯିବ।

-ଡାକ୍ତର ତ୍ରିଲୋଚନ ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ଅନୁଗୋଳ

## ସିବିଏସ୍‌ଇ ପରୀକ୍ଷାରେ କମଲେଶଙ୍କ ସଫଳତା

**ବଅଁରପାଳ, ୨୩ା୭ (ଡି.ଏନ.ଏ.)**



ଅନୁଗୋଳ ଜିଲା ବଅଁରପାଳ ବ୍ଲକ ନାରାୟଣୀ କଲେଜର ଅଧକ୍ଷ ବିଭୁଦେନ୍ଦୁ ବଳ ଓ ସସ୍ମିତ ବଳଙ୍କ ସୁପୁତ୍ର କମଲେଶ ବଳ ଚଳିତ ସିବିଏସ୍‌ଇ ଦଶମ ବୋର୍ଡ ପରୀକ୍ଷାରେ ସଫଳତା ହାସଲ କରିଛନ୍ତି। ସେ ଭୁବନେଶ୍ୱରସ୍ଥିତ ସାଇ ଇଣ୍ଟର ନ୍ୟାଶନାଲ ରେସିଡେଣ୍ଟ ସ୍କୁଲର ଛାତ୍ର। କମଲେଶ ଚଳିତ ଦଶମ ବୋର୍ଡ ପରୀକ୍ଷାରେ ୯୮ .୪ ପ୍ରତିଶତ ନମ୍ବର ରଖିଛନ୍ତି। ଏହି ସଫଳତା ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ଜଣାଯାଇଛି।

## ଚୋରା ସାମଗ୍ରୀ ଜବତ, ଜଣେ ଗିରଫ

**ଛେଣ୍ଡିପଦା,୨୩ା୭(ସ୍ୱ.ପ୍ର.)**

ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା ପୋଲିସ ଶନିବାର ଚୋରା ଲୁହା ସାମଗ୍ରୀ ଜବତ କରିବା ସହିତ କାଳିଆକଟା ଗ୍ରାମର ସନ୍ତୋଷ ନାଏକଙ୍କୁ ଗିରଫ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, ଏକ ପ୍ଲାଣ୍ଟରୁ ଲୁହା ସାମଗ୍ରୀ ଚୋରି କରି ସନ୍ତୋଷ କାଳିକାଟା ଗ୍ରାମରେ ରଖିଥିବା ଖବରପାଇ ଶିଳ୍ପାଞ୍ଚଳ ପୋଲିସ ଚଢାଉ କରିଥିଲା। ଏହି ଚଢାଉ ବେଳେ ପୋଲିସ ସନ୍ତୋଷଙ୍କ ଠାରୁ ୨ ଟନ ୮୦ କିଲୋ ଲୁହା ସାମଗ୍ରୀ ଜବତ କରିଥିଲା। ନଂ. ୧୪୧/୨୨ରେ ମାମଲା ରୁଜୁ ସହ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

## ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ବଣ୍ଟନ

**ଆଠମଲ୍ଲିକ, ୨୩ା୭ (ଡି.ଏନ.ଏ.)**

ସାହାଯ୍ୟରୁ ସେବା ଫାଉଣ୍ଡେଶନ ତରଫରୁ ଆଠମଲ୍ଲିକ ଏନ୍‌ଏସିର ସିଦ୍ଧପୁର ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ବଣ୍ଟନ କରାଯାଇଛି। ଫାଉଣ୍ଡେଶନର ସଭ୍ୟ ଅରବିନ୍ଦ ରଣଭୈସା, ପ୍ରିୟଦର୍ଶୀ ସାମଲ, ସଦ୍ଦାମ ହୁସେନ, ରାମପ୍ରସାଦ ତ୍ରିପାଠୀ, ସୁନୀଲ ମହାପାତ୍ର, ନୂତନ ବେହେରା, ଏକାନ୍ତ ମୁଣ୍ଡା, ଚନ୍ଦନ ପ୍ରସାଦ, ଚିତ୍ତରଞ୍ଜନ ଉଗ୍ରସାଣ୍ଡୀ ପ୍ରମୁଖ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଛତା, ପାଠ୍ୟ ଉପକରଣ, ବିସ୍କୁଟ, କେକ ଆଦି ବଣ୍ଟନ କରିଥିଲେ। ଶିକ୍ଷକ ବିଶ୍ୱାମିତ୍ର ନାଏକ ଫାଉଣ୍ଡେଶନର ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପାଠ୍ୟ ଉପକରଣ ପାଇ ଛାତ୍ରୀଛାତ୍ରମାନେ ଖୁସି ହୋଇଥିଲେ।

# ଓ.ପି. ଜିନ୍ଦଲ ସ୍କୁଲ ଛାତ୍ରୀଛାତ୍ରଙ୍କ ସଫଳତା

**ଅନୁଗୋଳ ଅଫିସ, ୨୩ା୭**

ଅନୁଗୋଳସ୍ଥିତ ଓ.ପି. ଜିନ୍ଦଲ ସ୍କୁଲର ଛାତ୍ରୀ ଛାତ୍ରମାନେ ଚଳିତ ବର୍ଷ ସିବିଏସ୍‌ଇ ଦଶମ ଏବଂ ଦ୍ୱାଦଶ (ବିଜ୍ଞାନ ଓ ବାଣିଜ୍ୟ) ବୋର୍ଡ ପରୀକ୍ଷାରେ ଦୃଷ୍ଟାନ୍ତ ମୂଳକ ସଫଳତା ହାସଲ କରିଛନ୍ତି। ସ୍କୁଲର ପାସ୍ ହାର ଶତ ପ୍ରତିଶତ ରହିଥିବାବେଳେ ଦ୍ୱାଦଶ ବୋର୍ଡ ବିଜ୍ଞାନ ପରୀକ୍ଷାରେ ସୋହମ ସାହୁ ୯୮.୨୦ ପ୍ରତିଶତ ନମ୍ବର ରଖିଥିବାବେଳେ ଶ୍ରୁତି ଦାସ ୯୫.୨୦%, ଜାହ୍ନବୀ ପ୍ରିୟଦର୍ଶିନୀ ୯୫.୨୦%, ଆଶିଷ ପ୍ରଧାନ ୯୪.୬% ଏବଂ ଦ୍ୱାଦଶ ବାଣିଜ୍ୟ ବିଭାଗରେ ଖୁସି ବର୍ମା ୮୮.୨୦% ଏବଂ ଅନନ୍ୟା ଶର୍ମା ୮୫.୨୦% ମାର୍କ ହାସଲ କରିଛନ୍ତି। ସେହିଭଳି ଦଶମ ବୋର୍ଡ ପରୀକ୍ଷାରେ ପ୍ରେରଣା ବୋଥ୍ରା ୯୮.୮ ପ୍ରତିଶତ ମାର୍କ ରଖିଥିବାବେଳେ ଅଭିଲିପ୍ସା ପଟ୍ଟନାୟକ ୯୮% ଏବଂ ରିୟା ୯୬.୮% ମାର୍କ ହାସଲ କରିଛନ୍ତି। ଏହି ଅବସରରେ ସ୍କୁଲ ମ୍ୟାନେଜମେଣ୍ଟ କମିଟି ଅଧକ୍ଷ ତଥା ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ନିର୍ବାହୀ ନିର୍ଦ୍ଦେଶକ ଦାମୋଦର ମିତ୍ତଲ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ଉଲ୍ଲେଖନୀୟ ସଫଳତା ଏବଂ ପ୍ରଦର୍ଶନ ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ସ୍କୁଲ ଅଧକ୍ଷ ଅତନୁ କୁମାର ରଥ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଉପସ୍ଥିତିରେ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



ସଫଳତା ପାଇଥିବା ଛାତ୍ରୀଛାତ୍ରମାନେ।

**ସିବିଏସ୍‌ଇ ଦଶମ ଏବଂ ଦ୍ୱାଦଶ ପରୀକ୍ଷା**

## ୩୪ ହଜାର ଟଙ୍କା ନେଇଗଲେ ସାଇବର ଠକ

**ଅନୁଗୋଳ ଅଫିସ, ୨୩ା୭**

ଅନୁଗୋଳ ଜିଲା ବିକ୍ରମପୁର ଥାନା ଅଞ୍ଚଳର ଭଞ୍ଜ କଲୋନୀରେ ରହୁଥିବା ସୂର୍ଯ୍ୟକାନ୍ତ ଜେନା(୨୫) ସାଇବର ଠକେଇର ଶିକାର ହୋଇଛନ୍ତି। ଏ ନେଇ ସେ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୧୮୯/୨୨ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ, ସୂର୍ଯ୍ୟକାନ୍ତ ଏକ ବ୍ୟାଙ୍କର କ୍ରେଡିଟ୍ କାର୍ଡ ବ୍ୟବହାର କରୁଛନ୍ତି। ତାଙ୍କ କାର୍ଡର କ୍ରେଡିଟ୍ ଲିମିଟ୍ ବଢ଼ାଇବାକୁ କହି ସାଇବର ଠକ ୩୩ ହଜାର ୯୬୯ ଟଙ୍କା ନେଇଯାଇଥିଲେ। ଏହାପରେ ସେ କାର୍ଡ ବ୍ଲକ କରି ଆଉ ଏକ ନୂଆ କାର୍ଡ ଚଳିତମାସ ୧୪ ତାରିଖରେ ପାଇଥିଲେ। ଏହି କାର୍ଡରେ ପିନ୍ ଜେନେରେଶନ୍ କରିବା ସମୟରେ ତାଙ୍କ କାର୍ଡରୁ ଟଙ୍କା ପ୍ରୋସେସିଂରେ ରହିଛି। କାଳେ ପୁଣି ଠକ ହାବୁଡ଼ରେ ପଡ଼ିବେ, ସେ ନେଇ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଛନ୍ତି।

## ଅନୁଗୋଳ ଜିଲାକୁ ଆସିଲେ ୧୪ ଡାକ୍ତର

**ଅନୁଗୋଳ ଅଫିସ, ୨୩ା୭**

ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଶୁକ୍ରବାର ରାଜ୍ୟରେ ୩୫୮ ଜଣ ଡାକ୍ତରଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ସେମାନଙ୍କ ମଧ୍ୟରୁ ଅନୁଗୋଳ ଜିଲାକୁ ୧୪ ଜଣ ଡାକ୍ତର ଆସିଛନ୍ତି। ନୂଆ ନିଯୁକ୍ତି ମିଳିବା ପରେ ତୁରନ୍ତ କାର୍ଯ୍ୟରେ ଯୋଗ ଦେବାକୁ କୁହାଯାଇଥିବାବେଳେ ସରକାରୀ ଛୁଟି ଥିବାରୁ ନବନିଯୁକ୍ତ କୌଣସି ଡାକ୍ତର ଜିଲାରେ ଯୋଗ ଦେଇ ନ ଥିବା ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ତ୍ରିଲୋଚନ ପ୍ରଧାନ ସୂଚନା ପ୍ରଦାନ କରିଛନ୍ତି। ନବ ନିଯୁକ୍ତ ଡାକ୍ତରମାନେ ଆସନ୍ତା ସୋମବାର କାର୍ଯ୍ୟରେ ଯୋଗଦେବାର ସମ୍ଭାବନା ରହିଥିବା ସେ କହିଛନ୍ତି। ନୂଆ ଡାକ୍ତରଙ୍କ ମଧ୍ୟରୁ ଅନୁଗୋଳ ଜିଲାର ବଇଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ରାମଚନ୍ଦ୍ର ସ୍ୱାଇଁଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିବାବେଳେ ତାଳଚେର ଉପଖଣ୍ଡ ଚିକିତ୍ସାଳୟରେ ନିଲେଶ ମହାପାତ୍ର, ପବିତ୍ରନଗର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଶାଶ୍ୱତ ସୌମ୍ୟ ସାମଲ, ମାଧପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶିବଦତ୍ତ ପ୍ରଧାନ, କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଶିଷ କୁମାର ଦାସ, ପାଇକସାହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଦ୍ୟାଶା ମିଶ୍ର, ଚଷା ଗୁରୁଜାଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସୁଚରିତା ପତି, ପତାକା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବିକାଶ ରଞ୍ଜନ ମିଶ୍ର, ମାଧପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦିଶା ଦିବ୍ୟାଶା, ରାଜ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୁପ୍ରିତା ଶୁଭାଶିନୀ, ପୁରୁଣାଗଡ଼ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପଲ୍ଲବୀ ବେହେରା, ଜମରାଡ଼ି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ନନ୍ଦିତା ସାହୁ, ଗୋପାଳପ୍ରସାଦ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱର୍ଣ୍ଣପ୍ରିୟା ନାଏକ, ରାଜଡଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସୌମ୍ୟରଞ୍ଜନ ବେହେରାଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଗତବର୍ଷ ଜିଲାରେ ୨୫ ଜଣ ଡାକ୍ତରଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିବାବେଳେ ୧୯ ଜଣ ଯୋଗ ଦେଇଥିଲେ।

# ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ତାଳଚେର, ୨୩ା୭ (ନି.ପ୍ର.)**

ତାଳଚେର ଡିଏଭି ତାଳଚେର ଥର୍ମାଲ ଉଚ୍ଚ ବିଦ୍ୟାଳୟରେ ଡିଏଭି ଅନୁଷ୍ଠାନ ସମୂହର ଶିକ୍ଷକ-ପ୍ରଶିକ୍ଷାର୍ଥୀଙ୍କ ନିମନ୍ତେ ୨୦୨୨-୨୩ ଶିକ୍ଷାବର୍ଷ ପାଇଁ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏହା ଦୁଇଦିନ ଧରି ଚାଲିବ। ଏହାକୁ ଡିଏଭି ଅନୁଷ୍ଠାନ ସମୂହର ସହ ଆଞ୍ଚଳିକ ଅଧିକାରୀ ତଥା ଡିଏଭି ପବ୍ଲିକ ସ୍କୁଲ କଳିଙ୍ଗ କ୍ଷେତ୍ର ଅଧକ୍ଷ ସୁରେନ୍ଦ୍ର କୁମାର ଭୋଇ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସଙ୍କୁଳ ମୁଖ୍ୟ ତଥା ଡିଏଭି ପବ୍ଲିକ ସ୍କୁଲ ଅନନ୍ତ ବିହାର ଅଧକ୍ଷା ଜ୍ୟୋତି ମିଶ୍ର, ଆୟୋଜକ ଡିଏଭି ତାଳଚେର ଥର୍ମାଲ ଉଚ୍ଚ ବିଦ୍ୟାଳୟ ଅଧକ୍ଷ ଶୁଭେନ୍ଦୁ ଶେଖର ବୋଷ, ଡିଏଭି ପବ୍ଲିକ ସ୍କୁଲ ତାଳଚେର ଥର୍ମାଲ ଅଧକ୍ଷା ତପସ୍ୱିନୀ ମିଶ୍ର, ଡିଏଭି ପବ୍ଲିକ ସ୍କୁଲ ଡେରା ଅଧକ୍ଷା ଶୁକ୍ଳା ଚକ୍ରବର୍ତ୍ତୀ, ଡିଏଭି ବାଳିକା ଉଚ୍ଚ ବିଦ୍ୟାଳୟ ସିଡବ୍ଲ୍ୟୁଏସ୍‌ର ଅଧକ୍ଷା ସବିତା ପୂଜାରୀ, ଡିଏଭି ସାବିତ୍ରୀ ଜିନ୍ଦଲ ଉଚ୍ଚ ବିଦ୍ୟାଳୟର ଅଧକ୍ଷ ଫକୀରମୋହନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସାମ୍ପ୍ରତିକ କରୋନା ପରବର୍ତ୍ତୀ ଶିକ୍ଷା ବ୍ୟବସ୍ଥାରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଦାୟିତ୍ୱବୋଧ ତଥା ଶିକ୍ଷଣ ସାମଗ୍ରୀର ପ୍ରୟୋଗ ଉପରେ ମୁଖ୍ୟ ଅତିଥି ଗୁରୁତ୍ୱ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଥିବା ଡିଏଭି ଅନୁଷ୍ଠାନର ଶିକ୍ଷୟିତ୍ରୀ ଶିକ୍ଷକମାନେ ଯୋଗ ଦେଇଛନ୍ତି। ଏହାର ପ୍ରତ୍ୟେକ ଅଧିବେଶନରେ ଇଂଲିଶ, ଗଣିତ, ସାମାଜିକ ବିଜ୍ଞାନ ଓ ବିଜ୍ଞାନ ଶିକ୍ଷକ ପ୍ରଶିକ୍ଷାର୍ଥୀଙ୍କୁ ତାଲିମ୍ ଦେବା ପାଇଁ ଡିଏଭି ଶୈକ୍ଷିକ ଉତ୍କର୍ଷ କେନ୍ଦ୍ର ତତ୍ତ୍ୱାବଧାନରେ ଆଞ୍ଚଳିକ ପ୍ରଶିକ୍ଷଣ କେନ୍ଦ୍ର ଦ୍ୱାରା ମନୋନୀତ ଅଭିଜ୍ଞ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ନିମନ୍ତ୍ରଣ କରାଯାଇଛି।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତାମାନେ।

# ଆଜି ୬ ଘଣ୍ଟିଆ ରାଜପଥ ଅବରୋଧ

**ଅନୁଗୋଳ ଅଫିସ, ୨୩ା୭**

- ଅନୁଗୋଳ ଜିଲାର ସମସ୍ତ ରାଜପଥରେ କରାଯିବ ଆନ୍ଦୋଳନ
- ବାଧାପ୍ରାପ୍ତ ହେବନି ଜରୁରୀ ସେବା, ଖୋଲା ରହିବ ଦୋକାନ ବଜାର
- ଖବରଦାତା ସମ୍ମିଳନୀରେ ସୂଚନା ଦେଲା ଜିଲା ଓକିଲ ସଂଘ

ଅନୁଗୋଳ ଜିଲା ଦେଇ ଯାଇଥିବା ୫୫ନଂ. ଜାତୀୟ ରାଜପଥର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ବିଶେଷକରି ବଅଁରପାଳରୁ ଅନୁଗୋଳ ପରିବହନ କାର୍ଯ୍ୟାଳୟ ଯାଏ ଯାତାୟାତ ଏକପ୍ରକାର ଅସମ୍ଭବ ହେଉଛି। ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ)ଙ୍କ ଖାମଖିଆଲ ମନୋଭାବ ଓ ସମ୍ପ୍ରସାରଣ କାର୍ଯ୍ୟ କରୁଥିବା ଠିକା ସଂସ୍ଥାର ଅବହେଳା ପାଇଁ ଏଭଳି ପରିସ୍ଥିତି ଉପୁଜିଥିବା ଅଭିଯୋଗ କରିଛି ଅନୁଗୋଳ ଓକିଲ ସଂଘ। ଏହାର ପ୍ରତିବାଦରେ ଜିଲା ଓକିଲ ସଂଘ ପକ୍ଷରୁ ରବିବାର ସକାଳ ୬ଟାରୁ ମଧାହ୍ନ ୧୨ଟା ପର୍ଯ୍ୟନ୍ତ ୫୫ନଂ. ଜାତୀୟ ରାଜପଥ ସହ ଜିଲାର ସମସ୍ତ ରାଜପଥରେ ୬ ଘଣ୍ଟିଆ ଅବରୋଧ କରାଯିବ ବୋଲି ଓକିଲ ସଂଘ ସଭାପତି ଦିଲୀପ କୁମାର ସାହୁ ଶନିବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।


ଖବରଦାତା ସମ୍ମିଳନୀରେ ଓକିଲ ସଂଘ କର୍ମକର୍ତ୍ତାମାନେ।

ସଭାପତି ସାହୁ କହିଛନ୍ତି, ଏହି ଅବରୋଧ ସମୟରେ କୌଣସି ଜରୁରୀ ସେବା ବ୍ୟାହତ ହେବ ନାହିଁ। ଜିଲାରେ ସମସ୍ତ ଦୋକାନ ବଜାର ଖୋଲା ରହିବ। ବାମୁର ଠାରୁ ବଅଁରପାଳ ପର୍ଯ୍ୟନ୍ତ ରାଜପଥରେ ସମ୍ପୂର୍ଣ୍ଣ ଭାବେ ଗାଡ଼ି ଚଳାଚଳ ବନ୍ଦ ରହିବାକୁ ଥିବାବେଳେ ମହୀଧରପୁର, ଛେଣ୍ଡିପଦା, ଆଠମଲ୍ଲିକ, ପାଲଲହଡ଼ା ଆଦିଠାରେ ଥିବା ରାଜପଥରେ ମଧ ଗାଡ଼ି ଚଳାଚଳ ବନ୍ଦ ରହିବ। ତୁରନ୍ତ ରାସ୍ତା ମରାମତି ନ ହେଲେ ଆନ୍ଦୋଳନକୁ ଆଗାମୀ ଦିନରେ ଆହୁରି ତୀବ୍ର କରାଯିବ। ଏହି ଆନ୍ଦୋଳନରେ ରାଜନୈତିକ ଦଳ, ସାମାଜିକ କର୍ମୀ, ଟ୍ରକ୍ ମାଲିକ ସଂଘ, ବସ୍ ମାଲିକ ସଂଘ, ଶ୍ରମିକ ସଙ୍ଗଠନ ସହ ଅନୁଗୋଳବାସୀ ସହଯୋଗ କରିବେ ବୋଲି ସହମତି ପ୍ରକାଶ କରିଛନ୍ତି। ଜାତୀୟ ରାଜପଥ ପ୍ରାଧିକରଣର ଏକ ହାଇପାୱାର କମିଟି ଅନୁଗୋଳ ଗସ୍ତରେ ରବିବାର ଆସୁଛନ୍ତି। ତେଣୁ ଏହି ଆନ୍ଦୋଳନ ନିଶ୍ଚିତ ଭାବେ ପ୍ରଭାବ ପକାଇବ ବୋଲି ସଂଘ ସଭାପତି କହିଛନ୍ତି। ଖବରଦାତା ସମ୍ମିଳନୀ ପୂର୍ବରୁ ଓକିଲ ସଂଘ ପକ୍ଷରୁ ବିଭିନ୍ନ ରାଜନୈତିକ ଦଳ, ସାମାଜିକ ସଙ୍ଗଠନ, ଟ୍ରକ୍ ମାଲିକ ସଂଘ, ବସ୍ ମାଲିକ ସଂଘ, ଜନସାଧାରଣଙ୍କ ସହ ଆଲୋଚନା କରାଯାଇଥିଲା। ଏହି ଖବରଦାତା ସମ୍ମିଳନୀରେ ସଭାପତି ଦିଲୀପ ସାହୁଙ୍କ ସହ ସାଧାରଣ ସମ୍ପାଦକ ଧ୍ରୁବ ଚରଣ ସାହୁ ଓ କୋଷାଧକ୍ଷ ଗୋପାଳ ପ୍ରସାଦ ଅଗ୍ରୱାଲ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା




**ସାତମାଇଲ, ୨୩।୭(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ହିନ୍ଦୋଳ ରୋଡ୍‌ସ୍ଥିତ ଓପିଏସ୍ କଲେଜର ଯୁକ୍ତ ୩ କମ୍ପ୍ୟୁଟର ସାଇନ୍ସ ଅନର୍ସ ବିଭାଗର ଶେଷବର୍ଷ ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଭାଗୀୟ ମୁଖ୍ୟ ଅଧାପିକା ମଧୁସ୍ମିତା ନାୟକଙ୍କ ସଭାପତିତ୍ୱରେ କଲେଜ ଅଧକ୍ଷ ଡ. ଶମ୍ଭୁ ପ୍ରସାଦ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ସମୟରେ କମ୍ପ୍ୟୁଟର ସାଇନ୍ସ ପାଠ୍ୟକ୍ରମର ଆବଶ୍ୟକତା ଏବଂ ଏଥିରେ ଥିବା କର୍ମସଂସ୍ଥାନର ସମ୍ଭାବନା ଉପରେ ଆଲୋକପାତ କରିଥିଲେ। ଗଣିତ ବିଭାଗ ମୁଖ୍ୟ ଅଧାପକ ଡ. ରାଜକିଶୋର ସାମଲ ମୁଖ୍ୟ ବକ୍ତା ରୂପେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପାଠଚକ୍ର ସମ୍ପାଦିକା ମୋନାଲିସା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ସମାରୋହରେ ବିଭାଗର ସମସ୍ତ ଛାତ୍ରୀଛାତ୍ର, ଅଧାପିକା, ଅଧାପକ ଓ କର୍ମଚାରୀ ଯୋଗଦେଇଥିଲେ।

### ମେଧାବୀଙ୍କୁ ସମ୍ବର୍ଦ୍ଧନା




**ସାତମାଇଲ, ୨୩।୭(ଡି.ଏନ୍.ଏ.):** ଓଡ଼ାପଡ଼ା ବ୍ଲକ ଗୁଣଦେଇ ସରକାରୀ ହାଇସ୍କୁଲର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଧ୍ରୁବଚରଣ ପୃଷ୍ଟିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ବାଳକୃଷ୍ଣ ସାହୁ, ସରପଞ୍ଚ ସୁବ୍ରତ ନାୟକ, ସନ୍ତୋଷ ମହାଭୋଇ ଯୋଗଦେଇ ବିଦ୍ୟାଳୟ ପ୍ରତିଷ୍ଠାରେ ଅବଦାନ ଥିବା ବ୍ୟକ୍ତିଙ୍କ ସ୍ମୃତିଚାରଣ କରିଥିଲେ। ମାଟ୍ରିକ ପରୀକ୍ଷାରେ ସର୍ବାଚ୍ଚ ନମ୍ବର ରଖିଥିବା ଛାତ୍ରୀ ଶୁଭସ୍ମିତା ବରାଳ, ଶୃଙ୍ଖଳିତ ଛାତ୍ରୀ ଉର୍ମିରାଣୀ ପରିଡ଼ାଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ସ୍ୱୟଂପ୍ରଭା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ଝୁନୁବାଳା ବେହେରା, ଜ୍ୟୋସ୍ନାରାଣୀ ମହାରଣାଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

### ଭାଜପାର ବିଜୟ ଉତ୍ସବ

**ଢେଙ୍କାନାଳ ଅଫିସ, ୨୩।୭:** ଭାରତର ୧୫ତମ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି ଦ୍ରୌପଦୀ ମୁର୍ମୁ। ଏହାକୁ ନେଇ ଢେଙ୍କାନାଳ ସହରରେ ଭାଜପା ପକ୍ଷରୁ ବିଜୟ ଉତ୍ସବ ପାଳନ କରାଯାଇଛି। ସ୍ଥାନୀୟ ଗୋପବନ୍ଧୁ ଟାଉନହଲଠାରେ ଦଳୀୟ କର୍ମୀମାନେ ମିଷ୍ଟାନ୍ନ ବଣ୍ଟନ କରି ଖୁସି ମନାଇଥିଲେ। ସ୍ୱାଧୀନତାର ୭୫ତମ ବର୍ଷରେ ଓଡ଼ିଆଙ୍କୁ ଏହା ବଡ଼ ସମ୍ମାନ ବୋଲି ନେତୃବୃନ୍ଦ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ନଗରପାଳ ଜୟନ୍ତୀ ପାତ୍ର, ଭାରତୀ ସ୍ୱାଇଁ, ସସ୍ମିତା ସାମଲ, ଅନିତା ଦାସ, ଉଲି ନାୟକ, ରାମଚନ୍ଦ୍ର ପାତ୍ର, ସୁନୀଲ ଶର୍ମାଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।

### ଫସଲ ବୀମା କର୍ମଶାଳା

**ସାତମାଇଲ, ୨୩।୭(ଡି.ଏନ୍.ଏ.):** ଓଡ଼ାପଡ଼ା ବ୍ଲକ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ପରିସରରେ ଫସଲ ବୀମା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ କୃଷି ଅଧିକାରୀ ବିଭୁଦତ୍ତ ସାହୁଙ୍କ ସଭାପତିତ୍ୱରେ ଅତିରିକ୍ତ ତହସିଲଦାର ସୁମନ୍ତ କୁମାର ବେହେରା ଯୋଗଦେଇ ସମସ୍ତ ଚାଷୀଙ୍କୁ ଫସଲ ବୀମା କରିବା ପାଇଁ ପରାମର୍ଶ ଦେଇଥିଲେ। ସହକାରୀ କୃଷି ଅଧିକାରୀ ଦୀପ୍ତି ଦିପାଲି, ବୀମା କମ୍ପାନୀ ଜିଲା ସଂଯୋଜକ ଅନାଦି ଚରଣ ସାହୁ, ବ୍ଲକ ସଂଯୋଜକ ରମାକାନ୍ତ ସାହୁ ଉପସ୍ଥିତ ରହି ଚାଷୀଙ୍କ ମାର୍ଗଦର୍ଶନ କରିଥିଲେ। ଦେବାଶିଷ ସାହୁ, ଶିଶିର ସାହୁ, ବିନୋଦିନୀ ସାହୁ, ସୁରଜପ୍ରସାଦ ସାହୁ, ଚିନ୍ମୟ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

### ସବୁଜିମାମୟ ହେବ ଶୈବପୀଠ

**ଭୁବନ, ୨୩।୭(ଡି.ଏନ୍.ଏ.):** ବିଜେଡିର ୨୫ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଭୁବନ ବୁଦ୍ଧେଶ୍ୱର ଶୈବପୀଠ ପରିସରରେ ଚାରା ରୋପଣ କରାଯାଇଛି। ଶିବ ମନ୍ଦିର ସମେତ ଆଖପାଖ ଅଞ୍ଚଳରେ ସବୁଜିମା ବଳୟ ସୃଷ୍ଟି କରିବା ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ନଗରପାଳ ଶୁଭେନ୍ଦୁ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରିବେଶ ସୁରକ୍ଷାରେ ବୃକ୍ଷରାଜିର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏନ୍‌ଏସି ବିଜେଡି ସଭାପତି ସନ୍ଦୀପ ପୃଷ୍ଟିଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଞ୍ଜୀବ ପୃଷ୍ଟି, ଅଜୟ ସେଠୀ, ଆକାଶ ମିଶ୍ରଙ୍କ ସମେତ ବହୁ ଜିଲା ତଥା ରାଜ୍ୟସ୍ତରୀୟ କର୍ମକର୍ତ୍ତା ସାମିଲ ହୋଇଥିଲେ।

# ବିପଦ ସାଜିଛି 'ବେଙ୍ଗାନାଳ'

- ସ୍କୁଲ ଯିବା ପାଇଁ ବାଜି ଲାଗୁଛି ଜୀବନ
- ଦାବି ସତ୍ତ୍ୱେ ନିର୍ମାଣ ହେଉନି ସେତୁ
- ଅଞ୍ଚଳବାସୀ ଭୋଗୁଛନ୍ତି ଯମଯନ୍ତ୍ରଣା

**ଭାପୁର, ୨୩।୭(ଡି.ଏନ୍.ଏ.)**


ଛାତ୍ରୀଛାତ୍ର ବିପଦପୂର୍ଣ୍ଣ ଭାବେ ନାଳ ପାର ହେଉଛନ୍ତି।

ଦୁଇ ଅକ୍ଷର ପାଠ ପଢ଼ିଲେ ବଦଳିବ ଜୀବନଶୈଳୀ। ସୁନେଲି ହେବ ଭବିଷ୍ୟତ। ଏଇଥିପାଇଁ ଜଙ୍ଗଲ ମୁଲକରୁ ବାହାରି ଖଡ଼ି ଛୁଇଁଛନ୍ତି ଆଦିବାସୀ ପିଲାଏ। ସ୍କୁଲ ବେଳ ନ ହେଉଣୁ ବହିବସ୍ତାନି ଧରି ବିଦ୍ୟାଳୟ ମୁହାଁ ବି ହେଉଛନ୍ତି। ହେଲେ ସେମାନଙ୍କ ଉଚ୍ଚଶିକ୍ଷିତ ହେବାର ସ୍ୱପ୍ନ ଆଗରେ ପ୍ରତିବନ୍ଧକ ହୋଇ ଛିଡ଼ା ହୋଇଛି 'ବେଙ୍ଗାନାଳ'। ବର୍ଷା ହେଲେ ହଠାତ୍ ଫୁଲି ଉଠୁଛି ଏହି ବଣୁଆ ନାଳ। ପ୍ରବାହିତ ହେଉଛି ଅକାତକାତ ପାଣି। ଆଉ ଏହି ସ୍ରୋତରେ ଜୀବନକୁ ପାଣି ଛଡ଼ାଇ ପ୍ରତିଦିନ ସ୍କୁଲକୁ ଯାଉଛନ୍ତି ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କାଳିକାପ୍ରସାଦ ଗ୍ରାମ ବନ୍ଧସାହିର କୋମଳମତି ଛାତ୍ରୀଛାତ୍ର। ବାରମ୍ବାର ଦାବି ସତ୍ତ୍ୱେ ଏକ ପୋଲ ନିର୍ମାଣ ହୋଇପାରୁ ନ ଥିବାରୁ ବର୍ଷା ୪ମାସ ପିଲାଙ୍କ ପାଠପଢ଼ା ବ୍ୟାହତ ହେଉଛି।

ଏପଟେ ଘର। ସେପଟେ ସ୍କୁଲ। ମଝିରେ 'ବେଙ୍ଗାନାଳ'। ଏଥିରେ ଫସିଯାଇଛି ବନ୍ଧସାହିର କୋମଳମତି ଛାତ୍ରୀଛାତ୍ର ଭବିଷ୍ୟତ। ଆଦିବାସୀ ବହୁଳ ଉକ୍ତ ଅଞ୍ଚଳବାସୀ ମୁଖ୍ୟତଃ ଜଙ୍ଗଲ ଉପରେ ନିର୍ଭରଶୀଳ। ପୂର୍ବରୁ ଛୋଟ ଛୋଟ ପିଲାମାନେ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହରେ ପରିବାରକୁ ସହାୟତା କରୁଥିଲେ। ଜୀବନଜୀବିକାର ସଂଘର୍ଷ ପାଇଁ ଶିକ୍ଷାକୁ ପଛରେ ଛାଡ଼ିବାକୁ ପଡୁଥିଲା। ତେବେ ବଦଳିଛି ସ୍ଥିତି। ଶିକ୍ଷାର ମହତ୍ତ୍ୱ ବୁଝିଲେଣି ଅଭିଭାବକ। ପିଲାଙ୍କୁ ପାଠପଢ଼ାଇ ଶିକ୍ଷିତ କରିବାକୁ ସେମାନେ ଆଗଭର ହେଲେଣି। ହେଲେ 'ବେଙ୍ଗାନାଳ'ରେ ଏକ ଛୋଟ ସେତୁ ତିଆରି ହୋଇପାରୁ ନ ଥିବାରୁ ପିଲାମାନେ ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟାଳୟକୁ ଯାଉଛନ୍ତି।

ସୂଚନାଯୋଗ୍ୟ, ସମ୍ପୃକ୍ତ ଅଞ୍ଚଳର ପିଲାମାନେ ପ୍ରାଥମିକ ଶିକ୍ଷା ପାଇଁ ଢେଙ୍କାନାଳ ସଦର ବ୍ଲକ ସୀମାନ୍ତ ଟେଣ୍ଟୁଆ ଗ୍ରାମସ୍ଥିତ ପ୍ରାଥମିକ ବିଦ୍ୟାଳୟକୁ ଯାଉଛନ୍ତି। ଗ୍ରାମଠାରୁ ସ୍କୁଲର ଦୂରତା ୫୦୦ ମିଟର ହୋଇଥିବାବେଳେ ଗାଁଠାରୁ ୨୦୦ ମିଟର ଦୂରରେ ଥିବା ବିପଜ୍ଜନକ 'ବେଙ୍ଗାନାଳ' ପାର ହେବାକୁ ପଡ଼ିଥାଏ। ବିଶେଷକରି ବର୍ଷାଦିନେ ସମସ୍ୟା ଅତି ଜଟିଳ ହୋଇଥାଏ। ମୁଖ୍ୟତଃ ପାହାଡ଼ର ପାଣି ନାଳରେ ପ୍ରବାହିତ ହେଉଥିବାରୁ ସାମାନ୍ୟ ବର୍ଷାରେ ହଠାତ୍ ବଢ଼ି ଭଳି ସ୍ରୋତ ମାଡ଼ିଆସେ। ଅଭିଭାବକମାନେ ଦିନ ମଜୁରିଆ ହୋଇଥିବାରୁ ଦିନବେଳା ସେମାନେ କାମକୁ ଚାଲିଯାଆନ୍ତି। ଫଳରେ ପିଲାମାନେ ଜୀବନକୁ ବିପଦରେ ପକାଇ ଏକାକୀ ନାଳ ପାର ହୋଇଥାଆନ୍ତି। ସ୍କୁଲରୁ ଫେରିବା ବେଳେ ନାଳରେ ପାଣି ବଢ଼ିଥିଲେ ମା'ବାପା କିମ୍ବା ସମ୍ପର୍କୀୟଙ୍କ କାନ୍ଧରେ ବୁହା ହୋଇ ଘରକୁ ଫେରନ୍ତି। କେବଳ ଛାତ୍ରୀଛାତ୍ର ନୁହନ୍ତି, ଅଞ୍ଚଳର ୨୦୦୦ ଲୋକ ଦୈନିକ ବିଭିନ୍ନ କାର୍ଯ୍ୟରେ 'ବେଙ୍ଗାନାଳ' ପାର ହୋଇ ଏପଖାରୁ ସେପାଖକୁ ଏବଂ ସେପାଖରୁ ଏପାଖକୁ ଆସିଥାଆନ୍ତି। ଭାପୁର ପଞ୍ଚାୟତ ମହୁଲପୁଞ୍ଜିଠାରୁ କାଳିକାପ୍ରସାଦକୁ ସଂଯୋଗ କରୁଥିବା ବନ ବିଭାଗ ରାସ୍ତାରେ ଏହି ନାଳ ପଡୁଛି। ତେଣୁ ପଞ୍ଚାୟତ କିମ୍ବା ଅନ୍ୟ କୌଣସି ବିଭାଗ ଏଥିରେ ହସ୍ତକ୍ଷେପ କରୁନାହାନ୍ତି। ଫଳରେ ବାରମ୍ବାର ଦାବି ସତ୍ତ୍ୱେ ଉକ୍ତ ନାଳରେ ସେତୁ ନିର୍ମାଣ ହୋଇପାରୁନାହିଁ। 'ବେଙ୍ଗାନାଳ' ପାଇଁ ଅଞ୍ଚଳବାସୀ ଯମଯନ୍ତ୍ରଣା ଭୋଗୁଥିବାବେଳେ ଏହାକୁ ନେଇ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି।

ଏ ସମ୍ପର୍କରେ ଡିଏଫ୍‌ଓ ପ୍ରକାଶ ଚାନ୍ଦ ଗୋଗିନେନି କୁହନ୍ତି, ପୋଲ ସମସ୍ୟା ସମ୍ପର୍କରେ ଅବଗତ ଅଛନ୍ତି। ପୋଲ କିମ୍ବା କଲଭର୍ଟ ନିର୍ମାଣ ପାଇଁ ବିଭାଗକୁ ସର୍ବାଧିକ ଦେଢ଼ ଲକ୍ଷ ଟଙ୍କାର ଅନୁଦାନ ମିଳୁଛି। ଏତିକି ଅର୍ଥରେ ସେଠାରେ ପୋଲ ନିର୍ମାଣ ଅସମ୍ଭବ। ସରକାରଙ୍କ ଅନ୍ୟ କୌଣସି ସଂସ୍ଥା ପକ୍ଷରୁ ଅନୁଦାନ ମିଳିଲେ ସୁବିଧା ହେବ। ଏ ସମ୍ପର୍କରେ ଉପରିସ୍ଥ ଅଧିକାରୀ ଓ ବିଭାଗକୁ ଅବଗତ କରାଯିବ।

#### ପୋଲ ପାଇଁ ୫ବର୍ଷ ହେଲା ଦାବି କରୁଛୁ



ବେଙ୍ଗାନାଳରେ ପୋଲ ନିର୍ମାଣ କରିବାକୁ ୫ବର୍ଷ ହେଲା ଦାବି କରିଆସୁଛୁ। ନିର୍ବାଚନ ଆସିଲେ ଏଥର ହେବ ବୋଲି ସମସ୍ତେ କହୁଛନ୍ତି, କିନ୍ତୁ କେହି କରୁନାହାନ୍ତି।

-ସଞ୍ଜୟ ପଧାନ, ଅଭିଭାବକ

#### କାନ୍ଧରେ ବସାଇ ପିଲାଙ୍କୁ ନେଉଛୁ



ଲଗାଣବର୍ଷାରେ ନାଳ ଫୁଲିଲେ କାନ୍ଧରେ ବସାଇ ପିଲାଙ୍କୁ ନେବାଆଣିବା କରିବାକୁ ପଡୁଛି। ପୋଲଟିଏ ନିର୍ମାଣ ହେଲେ ସମସ୍ତେ ସୁବିଧା ପାଇପାରନ୍ତେ।

-ସନ୍ତୋଷ ପ୍ରଧାନ, ଅଭିଭାବକ

#### ଅନେକ ସମୟରେ ସ୍କୁଲ ଯାଇପାରୁନାହୁଁ



ପାଠ ପଢ଼ିବାକୁ ବହୁତ ଇଚ୍ଛା ଅଛି। ହେଲେ ବର୍ଷାଦିନେ ନାଳରେ ପାଣି ଆସିଲେ ସ୍କୁଲ ଯାଇପାରୁନାହୁଁ। ଅନେକ ସମୟରେ ଏଭଳି ସମସ୍ୟା ହେଉଛି। ପାଠରେ ପଛରେ ପଡୁଛୁ।

-ବନିତା ପ୍ରଧାନ, ଛାତ୍ରୀ

#### ଡ୍ରେସ୍, ବହି ଓଦା ହୋଇଯାଉଛି



ବର୍ଷା ସମୟରେ ନାଳ ପାର ହୋଇ ଘରକୁ ଆସୁଥିବାବେଳେ ହଠାତ୍ ପାଣି ମାଡ଼ି ଆସିଲା। ଡ୍ରେସ୍, ବହି ଓଦା ହୋଇଗଲା। ସରକାର ପୋଲ ନିର୍ମାଣ କଲେ ସୁବିଧା ହେବ।

-ସରୋଜ ପଧାନ, ଛାତ୍ର

#### ପାଣି ଦେଖିଲେ ଡର ଲାଗୁଛି



ପାଠ ପଢ଼ିବାକୁ ଭାରି ଇଚ୍ଛା କିନ୍ତୁ ନାଳରେ ପାଣି ଦେଖିଲେ ଡର ଲାଗୁଛି। ତେଣୁ ପାଣି ବଢ଼ିଲେ ସ୍କୁଲ ଯାଏନାହିଁ। ଘରେ ରହି ପାଠପଢେ।

-ଶ୍ରୀକାନ୍ତ ପଧାନ, ଛାତ୍ର

## 'ସଂକ୍ରାମକ ରୋଗ ପ୍ରତି ସତର୍କ ରୁହ'

**ଢେଙ୍କାନାଳ ଅଫିସ, ୨୩।୭**


କାର୍ଯ୍ୟକ୍ରମରେ ଅତିଥିଙ୍କ ସମେତ ଅନ୍ୟମାନେ।

ଢେଙ୍କାନାଳ ସଦର ବ୍ଲକ ବଳଦିଆବନ୍ଧ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କରୋନା, ଡେଙ୍ଗୁ, ମ୍ୟାଲେରିଆ, ଫାଇଲେରିଆ ଓ ଡାଇରିଆ ଭଳି ସଂକ୍ରାମକ ରୋଗ ସମ୍ପର୍କିତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସକ୍ରିୟ ନାଗରିକ ପରିଷଦ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପରିଷଦର ସଭାପତି ପ୍ରଦ୍ୟୁମ୍ନ ରଥଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ସିଡିଏମ୍‌ଓ ଡା. ଅଶୋକ କୁମାର ଦାଶ ଯୋଗଦେଇ ଅଞ୍ଚଳବାସୀଙ୍କୁ ବୁଷ୍ଟର ଡୋଜ୍ ନେବାକୁ ଗୁରୁତ୍ୱ ଦେଇଥିଲେ। ଏଥିସହ ବିଶୁଦ୍ଧ ଜଳ ବ୍ୟବହାର, ପାଣି ଫୁଟାଇ ପିଇବା, ମଶାରି ବ୍ୟବହାର କରିବାକୁ କହିଥିଲେ। ସଂକ୍ରାମକ ରୋଗରେ ଆକ୍ରାନ୍ତ ହେଲେ ହେଳା ନ କରି ତୁରନ୍ତ ଡାକ୍ତରଖାନା ଯିବାକୁ ପରାମର୍ଶ ଦେଇଥିଲେ।

ଆୟୁଷ ଡାକ୍ତର ସୁଶାନ୍ତ କୁମାର ପୃଷ୍ଟି, ଫାର୍ମାସିଷ୍ଟ ରଶ୍ମିରଞ୍ଜନ ସେଠୀ, ମହିଳା ସ୍ୱାସ୍ଥ୍ୟକର୍ମୀ ଜିନା ରାଉତ, ଅନସୂୟା ମାଝି, ଜିଲା ପରିଷଦ ସଭ୍ୟା ଦୀପ୍ତିମୟୀ ଜେନା, ପୂର୍ବତନ ଜିଲା ପରିଷଦ ସଭ୍ୟ ଜୟକୃଷ୍ଣ ଜେନା, ନାଗରିକ ପରିଷଦର ଯୁଗ୍ମ ସମ୍ପାଦକ କ୍ଷେତ୍ରବାସୀ ସାହୁ ଆଲୋଚନାରେ ଭାଗ ନେଇଥିଲେ। ବଳଦିଆବନ୍ଧ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଡ୍ରେସର ନିଯୁକ୍ତି ଏବଂ ଏକ ଆମ୍ବୁଲାନ୍ସ ଯୋଗାଇ ଦେବାକୁ ସିଡିଏମ୍‌ଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରିଷଦର ଉପସଭାପତି ଅଖିଳ ମହାପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ସ୍ୱାସ୍ଥ୍ୟକେନ୍ଦ୍ରରେ ଯୋଗଦେଇଥିବା ନୂତନ ଅଧିକାରୀ ଡା. ଭବାନୀ ଶଙ୍କର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଉପସ୍ଥିତ ଜନସାଧାରଣଙ୍କୁ ମାସ୍କ, ସଚେତନଧର୍ମୀ ପ୍ରଚାରପତ୍ର ବଣ୍ଟାଯାଇଥିଲା।

## ୫୧ ୟୁନିଟ୍ ରକ୍ତ ସଂଗ୍ରହ

**କାମାକ୍ଷାନଗର, ୨୩।୭(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍)ର ୭ଦିନିଆ ସ୍ୱତନ୍ତ୍ର ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନୀ ଦିବସରେ କଲେଜ ଅଧକ୍ଷ ମଙ୍ଗୁଲୁ ନାୟକ ଏହାକୁ ଉଦ୍‌ଘାଟନ କରିଥିବାବେଳେ ୧୦୦ଜଣ ଶିବିରାର୍ଥୀ ଏଥିରେ ସାମିଲ ହୋଇଥିଲେ। ଏହି ଅବସରରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ତରଫରୁ ରାଜଯୋଗ ପ୍ରଶିକ୍ଷଣ, କାମାକ୍ଷାନଗର ଡାକ୍ତରଖାନା ଏଡ୍‌ସ ନିରାକରଣ ସେଲ୍ ତରଫରୁ ଏଡ୍‌ସର କାରଣ, ନିରାକରଣ ସମ୍ପର୍କରେ ସଚେତନ କରାଯାଇଥିଲା। ବିଦ୍ୟାଳୟ ପରିସର ସମେତ ଆଖପାଖ ଅଞ୍ଚଳରେ ଫଳଚାରା ରୋପଣ କରାଯାଇଥିଲା। ଏଥିସହ ବନ୍ୟଜନ୍ତୁ ସଂରକ୍ଷଣ, ସ୍ୱଚ୍ଛତା ରକ୍ଷା ଉପରେ ସଚେତନ ବାର୍ତ୍ତା ପ୍ରଚାର କରାଯାଇଥିଲା। ଉଦ୍‌ଯାପନୀ ଦିବସରେ ଆୟୋଜିତ ରକ୍ତଦାନ ଶିବିରରେ ୫୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଜିଲା ରକ୍ତଭଣ୍ଡାର ଅଧିକାରୀ ଜୟନାରାୟଣ ପାଢୀ, ଟେକ୍ନିସିଆନ ପରମାନନ୍ଦ ପଣ୍ଡା, ରୋହିତ ଦାସ, ତପନ ଜେନା, ଅଜୟ ସ୍ୱାଇଁ, ବରୁଣ ସାହୁ ରକ୍ତ ସଂଗ୍ରହ କରିଥିଲେ। ଶ୍ରେଷ୍ଠ ଶିବିରାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ପ୍ରମୋଦ ସ୍ୱାଇଁ, ରଶ୍ମିରଞ୍ଜନ ସେନାପତି, ପ୍ରତିମା ଖୁଣ୍ଟିଆ, ତରାନମ୍ ବାହାର ଶିବିର ପରିଚାଳନା କରିଥିବାବେଳେ ଶ୍ରୀବତ୍ସ ସାହୁ, ସତ୍ୟନାରାୟଣ ମିଶ୍ର, ପ୍ରଶାନ୍ତ ପଣ୍ଡା, ବୀରେନ୍ଦ୍ର ସାହୁ, ଶ୍ରୀଧର ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

## କ୍ୟାରିୟର କାଉନ୍‌ସେଲିଂ



**କାମାକ୍ଷାନଗର, ୨୩।୭(ଡି.ଏନ୍.ଏ.)**

କାମାକ୍ଷାନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁବାର ଛାତ୍ରୀଛାତ୍ରଙ୍କ କ୍ୟାରିୟର କାଉନ୍‌ସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ହିମାଚଳ ପ୍ରଦେଶ ରାଜ୍ୟ ଧର୍ମଶାଳାସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟର ସହକାରୀ ପ୍ରଫେସର ତଥା ବିଜ୍ଞାନ ଭାରତୀର ସହ ସଙ୍ଗଠନ ମନ୍ତ୍ରୀ ଡ. ଗୌରୀଶଙ୍କର ସାହୁ ଯୋଗଦେଇ କହିଲେ, ଭାରତୀୟ ସମାଜ ସର୍ବଦା ପରୀକ୍ଷଣରେ ବିଶ୍ୱାସ କରେ। ସିଦ୍ଧାନ୍ତ ଦର୍ପଣ, ସମୟଗଣନା, ସଙ୍ଗୀତର ଉପଯୋଗିତାରେ ମାନବ କଲ୍ୟାଣ କଥା ଉଲ୍ଲେଖ ରଖିଛି। ଛାତ୍ରୀଛାତ୍ରମାନେ ସଫଳ ହେବାକୁ ହେଲେ ନିଜକୁ ପରୀକ୍ଷଣ କରିବା ଜରୁରୀ। ଏଭଳି ମାନସିକତାର ବୃଦ୍ଧି ପାଇଲେ ବିଦ୍ୟାର୍ଥୀ ସଫଳତା ପାଇପାରିବେ ବୋଲି ସେ କହିଥିଲେ। ପୂର୍ବକ୍ଷେତ୍ର ସହ ସଙ୍ଗଠନ ମନ୍ତ୍ରୀ (ସେବା ବିଭାଗ) ହରିଶ ଚନ୍ଦ୍ର ପ୍ରଧାନ ଗୁରୁଭକ୍ତିର ଉଦାହରଣ ଦେଇଥିଲେ। ବିଦ୍ୟାଳୟ ସମ୍ପାଦକ ତଥା ସଙ୍କୁଳ ପ୍ରମୁଖ ପ୍ରଫୁଲ୍ଲ ସାହୁ, ପ୍ରଧାନ ଆଚାର୍ଯ୍ୟ ଗୌରଚନ୍ଦ୍ର ନନ୍ଦ, ସହ ପ୍ରଧାନ ଆଚାର୍ଯ୍ୟ ପ୍ରତାପ ଚନ୍ଦ୍ର ରଥ, ବିନୋଦିନୀ କର, କାଳିନ୍ଦୀ ମୁଣ୍ଡା , ସାଇସ୍ୱରୂପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଔଦ୍ୟୋଗିକ ବିକାଶ ଉପରେ ଗୁରୁତ୍ୱ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

**ଢେଙ୍କାନାଳ ଅଫିସ, ୨୩।୭**

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ବାଣିଜ୍ୟ ବିଭାଗ ପକ୍ଷରୁ 'ଇଣ୍ଡିଜେନ୍ସ ନଲେଜ ସିଷ୍ଟମ୍ ଇଣ୍ଟରପ୍ରେନ୍ୟୁରଶିପ୍ ଆଣ୍ଡ୍ ଲାଇଭ୍‌ଲିହୁଡ୍ ଡେଭେଲପମେଣ୍ଟ' ଶୀର୍ଷକ ଜାତୀୟ ପାଠଚକ୍ର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧକ୍ଷ ପ୍ରଫେସର ରଞ୍ଜିତ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ପ୍ରଦ୍ୟୋତ୍ କେଶରୀ ପ୍ରଧାନ, ରାଜୀବ ଗାନ୍ଧୀ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ସଞ୍ଜୀବ କୁମାର ଜେନା ଆଲୋଚନାରେ ଭାଗନେଇ ପାରମ୍ପରିକ ଜ୍ଞାନ କୌଶଳର ପ୍ରୟୋଗ ଓ ଔଦ୍ୟୋଗିକ ବିକାଶରେ ଏହାର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରଶାସନିକ ଅଧିକାରୀ ଡ. ଦେବାଶିଷ ମହାନ୍ତି, ବାଣିଜ୍ୟ ବିଭାଗ ମୁଖ୍ୟ ଡ. ରଜନୀକାନ୍ତ ଖୁଣ୍ଟିଆ, ଅଧାପିକା ଡ. ସୌମ୍ୟା ନନ୍ଦ, ସୁମିତ୍ରା ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଉପଲକ୍ଷେ ପ୍ରାଚୀର ପତ୍ରିକା 'ଇନୋଭେଶନ' ଉନ୍ମୋଚନ କରାଯାଇଥିଲା। ଅଧାପକ ରାକେଶ ଚନ୍ଦ୍ର ସାହୁ, ଡ. ସସ୍ମିତ ସାହୁ, ସନ୍ଦୀପ ମହାନ୍ତି, ଆଦିତ୍ୟ ମହାପାତ୍ର, ନିତ୍ୟରଞ୍ଜନ ତ୍ରିପାଠୀ, ରାଧା ଅଗ୍ରୱାଲ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ପ୍ରଧାନ ଶିକ୍ଷକଙ୍କୁ ପ୍ରଶିକ୍ଷଣ




**ଢେଙ୍କାନାଳ ଅଫିସ, ୨୩।୭**

ଢେଙ୍କାନାଳ ସୁଲକ୍ଷଣା ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକଙ୍କ ୨ଦିନିଆ ତାଲିମ ଶିବିରି ଉଦ୍‌ଯାପିତ ହୋଇଯାଇଛି। ସ୍କୁଲକୁ ଆସୁଥିବା ବିଭିନ୍ନ ଅନୁଦାନ ପାଣ୍ଠିର ସୁପରିଚାଳନା, ଏହାର ସୁବିନିଯୋଗ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିସହ କ୍ୟାଶବୁକ୍, ଚେକ୍ ଇସ୍ୟୁ ରେଜିଷ୍ଟର୍, ଷ୍ଟକ୍ ରେଜିଷ୍ଟର୍, ବିନିଯୋଗ ପ୍ରମାଣପତ୍ର ଲିପିବଦ୍ଧ ପ୍ରଣାଳୀ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏବିଇଓ ଦେବବ୍ରତ ନାଥଙ୍କ ତତ୍ତ୍ୱାବଧାନରେ ସିଆର୍‌ସିସି ରସାନନ୍ଦ ମହାରଣା, ପ୍ରଭାତୀ ବେହେରା, ଆକାଉଣ୍ଟାଣ୍ଟ ପ୍ରଜ୍ଞା ମିଶ୍ର, ଶୁଭସ୍ମିତା ରାଉତ, ନିରୁପମା ବେହେରା ପ୍ରମୁଖ ସାଧନକର୍ମୀ ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ପ୍ରଧାନ ଶିକ୍ଷୟିତ୍ରୀ ମିନତୀ ଦେହୁରୀ, ସିଆର୍‌ସିସି ବିକାଶ ଜେନା ପ୍ରମୁଖ ସହଯୋଗ କରିଥିଲେ।

## 'ଐରା' ପକ୍ଷରୁ ରକ୍ତଦାନ ଶିବିର

**ଢେଙ୍କାନାଳ ଅଫିସ, ୨୩।୭**

ଢେଙ୍କାନାଳର ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଐରା' ପକ୍ଷରୁ ପୁରୁଣା ରକ୍ତଭଣ୍ଡାର ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ ଦାଶ, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଜ୍ୟୋତିଷ ମହାପାତ୍ର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭେନ୍ଦୁ କୁମାର ଖୁଣ୍ଟିଆ, 'ଐରା' ନିର୍ଦ୍ଦେଶକ ସୁରେଶ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ୩୩ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଜିଲା ରକ୍ତଭଣ୍ଡାର କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ପ୍ରଦ୍ୟୁମ୍ନ ପଣ୍ଡା, ଅନ୍ତର୍ଯ୍ୟାମୀ ରଥ, ଗୋଲକ ବିହାରୀ ପାଣିଗ୍ରାହୀ, ସୀତାଂଶୁ ଶେଖର ପଣ୍ଡା, ଚକ୍ରଧର ପାଣିଗ୍ରାହୀ, ସୌମ୍ୟା ମିଶ୍ର, ବବ୍ରୁବାହନ ମିଶ୍ର, ଜ୍ଞାନରଞ୍ଜନ ବାରିକ, ସରୋଜ କରଣ, ସୁଶ୍ରୀ ନନ୍ଦ, ସସ୍ମିତା ଜେନା, ସଙ୍ଗୀତା ପ୍ରିୟଦର୍ଶିନୀ, ଗୀତାଞ୍ଜଳି ପଣ୍ଡା, ସୌମ୍ୟା ଶତପଥୀ, ଗାୟତ୍ରୀ ସାହୁ, ବିବେକ ନାୟକ, ସରୋଜ ରାଉତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।


ରକ୍ତଦାନ ଶିବିରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଐରା'ର କର୍ମକର୍ତ୍ତାମାନେ।

# ଉତ୍ତେଜନା, ରାସ୍ତା ଅବରୋଧ

### ଦୁର୍ଘଟଣାରେ ଗୁରୁତର ନାବାଳିକାଙ୍କ ମୃତ୍ୟୁ

**ଭୁବନ, ୨୩।୭(ଡି.ଏନ.ଏ.)**


ଗ୍ରାମବାସୀ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି।

ଢେଙ୍କାନାଳ ଜିଲା ଭୁବନ ଥାନା ପୁରୁଷୋତ୍ତମପୁର ଗ୍ରାମ ନିକଟରେ ଗୁରୁବାର ସକାଳେ ଏକ କାର୍ ମାଡ଼ିଯିବାରୁ ଉଦୟନାଥ ଦେହୁରୀଙ୍କ ଝିଅ ଶ୍ରାବଣୀ (୮) ଗୁରୁତର ହୋଇଥିଲେ। କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ତାଙ୍କର ମୃତ୍ୟୁ ଘଟିଛି। ଏହି ଘଟଣା ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ମୃତଦେହ ଗ୍ରାମରେ ପହଞ୍ଚିବା ପରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ଦାବିରେ ଅପରାହ୍ନ ୪ଟାରୁ ସମ୍ପର୍କୀୟ ଏବଂ ଗ୍ରାମବାସୀ ଟାୟାର ଜାଳି ଭୁବନ-ଢେଙ୍କାନାଳ ପୂର୍ତ୍ତ ବିଭାଗ ରାସ୍ତା ଅବରୋଧ କରିଥିଲେ। ଥାନାଧିକାରୀ ସୌଭାଗ୍ୟ ସ୍ୱାଇଁ ସଦଳବଳ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ତେବେ ଦୁର୍ଘଟଣା ଘଟାଇଥିବା ଗାଡ଼ି ଡ୍ରାଇଭରଙ୍କୁ ଗିରଫ କରିବା, ମୃତ ନାବାଳିକାଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରିବାକୁ ଆନ୍ଦୋଳନକାରୀମାନେ ଅଡ଼ି ବସିଥିଲେ। ଭୁବନ ତହସିଲଦାର ଦାୟିତ୍ୱରେ ଥିବା କଙ୍କଡ଼ାହାଡ଼ର ଅତିରିକ୍ତ ତହସିଲଦର ରବୀନ୍ଦ୍ର ସାମଲ ପହଞ୍ଚି ରେଡ୍‌କ୍ରସ୍ ପାଣ୍ଠିରୁ ୧୦ହଜାର ଟଙ୍କା, ନଗରପାଳ ଶୁଭେନ୍ଦୁ ସାହୁ ୫ ହଜାର ଟଙ୍କା, ଏକତାଳି ପଞ୍ଚାୟତ ପକ୍ଷରୁ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଇନ୍ସ୍ୟୁରାନ୍ସ ବୀମା ରାଶି ମିଳିବାରେ ପ୍ରଶାସନ ସହଯୋଗ କରିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ରାତି ପ୍ରାୟ ସାଢ଼େ ୮ଟାରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

